# ସୁରେଶ ମହାନ୍ତି ଆଇସିଏଆଇ ଜାତୀୟ ପରିଷଦ ସଭାପତି



**ସମଲବ୍ୟାରେଜ୍ (ନି.ପ୍ର)**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ (ଆଇସିଏଆଇ) ୫୬ତମ ସଭାପତି ଭାବେ ସୁରେଶ ଚନ୍ଦ୍ର ମହାନ୍ତି ନିର୍ବାଚିତ ହୋଇ ଜୁଲାଇ ୨୨ ତାରିଖରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । କଟକ ଜିଲ୍ଲା ଅଗପୁର ଗ୍ରାମରେ ଜନ୍ମିତ ଶ୍ରୀ ମହାନ୍ତି ବାଙ୍କି ମହାବିଦ୍ୟାଳୟରୁ ୧୯୭୪ ମସିହାରେ ଅର୍ଥନୀତିରେ ବିଏ ପାସ୍ କରିବା ପରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ପାସ୍ କରି କଷ୍ଟ ଆକାଉଣ୍ଟାନ୍ସିରେ ଅଧ୍ୟୟନ କରିଥିଲେ । ଶ୍ରୀ ମହାନ୍ତି ସର୍ବଭାରତୀୟ ନିର୍ବାଚନରେ ଇଷ୍ଟର୍ଣ୍ଣ ଇଣ୍ଡିଆ ନିର୍ବାଚନ ମଣ୍ଡଳୀରୁ ୨୦୦୭-୨୦୧୧ ଅବଧି ପାଇଁ ସେଣ୍ଟ୍ରାଲ କାଉନ୍‌ସିଲ୍‌କୁ ନିର୍ବାଚିତ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ କମିଟିର ଅଧ୍ୟକ୍ଷ ତଥା ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ । ଶ୍ରୀ ମହାନ୍ତି ଆଗାମୀ ଦିନରେ ଛାତ୍ରସମାଜ, ରାଜ୍ୟ ତଥା ଦେଶର ଉନ୍ନତି ସହିତ କଷ୍ଟ ଓ ମ୍ୟାନେଜମେଣ୍ଟ ଆକାଉଣ୍ଟାନ୍ସି ଶିକ୍ଷାର ପ୍ରସାର ତଥା ଉପଯୋଗିତା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି ।